# ଗୁରୁର ଲକ୍ଷଣ ସମ୍ପର୍କରେ ବିଶେଷ ଦ୍ରଷ୍ଟବ୍ୟ

ଗୁରୁର ଲକ୍ଷଣ - ସଂପର୍କରେ ସ୍ୱୟଂ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କର ଉକ୍ତି-

***କିବା ବିପ୍ର, କିବା ନ୍ୟାସୀ, ଶୁଦ୍ର କେନେ ନୟ ।***
***ଯେଇ କୃଷ୍ଣତତ୍ତ୍ୱବେତ୍ତା, ସେଇ 'ଗୁରୁ' ହୟ ।। (ଚୈ.ଚ. ମ.୮/୧୨୮)***

ଉକ୍ତ ପଦ୍ୟର, 'ଅମୃତ ପ୍ରବାହ' ଭାଷ୍ୟରେ ଶ୍ରୀଲ ଭକ୍ତିବିନୋଦ ଠାକୁର ମହାପ୍ରଭୁଙ୍କ ଉକ୍ତିକୁ ପ୍ରକାଶ କରିଛନ୍ତି", -ମୁଁ ବ୍ରାହ୍ମଣ ଘରେ ଜନ୍ମ ଗ୍ରହଣ କରି ସନ୍ନ୍ୟାସ ଗ୍ରହଣ କରିଅଛି, ସୁତରାଂ ଶୁଦ୍ର ନିକଟରୁ ଧର୍ମଶିକ୍ଷା ମୋର ଅନୁଚିତ୍ । ଏହିପରି ମନେ କରନା, କାହିଁକି ନା କେବଳ ବର୍ଣ୍ଣାଶ୍ରମ ଧର୍ମ ଶିକ୍ଷା ଓ ଦୀକ୍ଷାରେ ବ୍ରାହ୍ମଣ ଗୁରୁର ପ୍ରୟୋଜନ, କିନ୍ତୁ କୃଷ୍ଣତତ୍ତ୍ୱ ଜ୍ଞାନ ସମସ୍ତ ଜୀବର ପରମାର୍ଥ ।ଏହି ତତ୍ତ୍ୱ ଜ୍ଞାନର ଗୁରୁ ହେବାର ଅଧିକାର ବିଚାରରେ ଏହିମାତ୍ର ସିଦ୍ଧାନ୍ତ ଅଛି ଯେ, ବିପ୍ର ହୁଅନ୍ତୁ ବା ଶୁଦ୍ର ଜାତିର ହୁଅନ୍ତୁ ବା ସନ୍ନ୍ୟାସୀ ହୁଅନ୍ତୁ, କେବଳ କୃଷ୍ଣ ତତ୍ତ୍ୱବେତ୍ତା ହିଁ ଗୁରୁ ହୋଇ ପାରିବେ ।" ଶ୍ରୀ ହରିଭକ୍ତି ବିଳାସରେ ଉଚ୍ଚବର୍ଣ୍ଣର ଯୋଗ୍ୟ ପୁରୁଷ ଥିବା ବେଳେ ନୀଚ ବର୍ଣ୍ଣ ବ୍ୟକ୍ତିଙ୍କ ନିକଟରୁ କୃଷ୍ଣମନ୍ତ୍ର ଗ୍ରହଣ କରିବା ଉଚିତ ନୁହେଁ, ଏହିପରି ଯେ କଥା ଅଛି ତାହା ଲୋକଦେଖାଣିଆ ବୈଷ୍ଣବ ପାଇଁ, ଅର୍ଥାତ୍ ସଂସାରରେ ଯେଉଁମାନେ ପ୍ରଚଳିତ ବିଧିମତରେ କିଛି ପରମାର୍ଥ ଉଦ୍ଦେଶ୍ୟ ସାଧନ କରିବା ପାଇଁ ଇଚ୍ଛା କରନ୍ତି, କେବଳ ସେମାନଙ୍କପାଇଁ । ଅପରନ୍ତୁ ଯେଉଁମାନେ ବୈଧୀ ଓ ରାଗା-ନୁଗା-ଭକ୍ତିର ତାତ୍ପର୍ଯ୍ୟ ଜାଣି ବିଶୁଦ୍ଧ କୃଷ୍ଣ ଭକ୍ତି ପାଇବା ପାଇଁ ଇଚ୍ଛା କରନ୍ତି, ସେମାନଙ୍କଠାରେ ଉପଯୁକ୍ତ କୃଷ୍ଣ-ତତ୍ତ୍ୱ ବେତ୍ତା ଯେକୌଣସି ବଂଶ ବା ଯେକୌଣସି ଆଶ୍ରମର ହୁଅନ୍ତୁ, ତାଙ୍କୁ "ଗୁର ବୋଲି ଗ୍ରହଣ କରିବା ବିଧି" । ଶ୍ରୀହରି ଭକ୍ତି ବିଳାସଧୃତ ପଦ୍ମପୁରାଣରେ କୁହାଯାଇଛି-

*"ନଶୂଦ୍ରା ଭଗବତଭକ୍ତାସ୍ତେତୁ ଭାଗବତା ମତାଃ ।*
*ସର୍ବବର୍ଣ୍ଣେଷୁ ତେ ଶୁଦ୍ରା ଯେ ନ ଭକ୍ତା ଜନାର୍ଦ୍ଦନେ ।।*

*ଷଟ୍-କର୍ମ-ନିପୁଣୋ ବିପ୍ରୋ ମନ୍ତ୍ର-ତନ୍ତ୍ର- ବିଶାରଦଃ ।*
*ଅବୈଷ୍ଣବୋ ଗୁରୁର୍ନ ସ୍ୟାଦ୍ୱୈଷ୍ଣବଃ ଶ୍ୱପଚୋ ଗୁରୁଃ ।।*

*ମହା-କୁଳ-ପ୍ରସୂତୋଽପି ସର୍ବଯଜ୍ଞେଷୁ ଦୀକ୍ଷିତଃ ।*
*ସହସ୍ର ଶାଖାଧ୍ୟାୟୀ ଚ ନ ଗୁରୁଃସ୍ୟାଦ ବୈଷ୍ଣବଃ ।।*

*ବିପ୍ରକ୍ଷତ୍ରିୟ ବୈଶ୍ୟାଶ୍ଚ ଗୁରୁବଃ ଶୁଦ୍ର ଜନ୍ମନାୟ ।*
*ଶୁଦ୍ରାଶ୍ଚ ଗୁରୁବସ୍ତେଷାଂ ତ୍ରୟାଣାଂ ଭଗବତ୍ ପ୍ରିୟାଃ ।।*

ତା'ଛଡ଼ା ପ୍ରଭୁପାଦ ଶ୍ରୀଲ ଭକ୍ତି ସିଦ୍ଧାନ୍ତ ସରସ୍ୱତୀ ଗୋସ୍ୱାମୀ ଠାକୁର ଶ୍ରୀ ଚୈତନ୍ୟ-ଚରିତାମୃତ ମଧ୍ୟଲୀଳାର ଚତୁର୍ବିଂଶ ଅଧ୍ୟାୟ ୩୨୫ ଶ୍ଲୋକର ଅନୁଭାଷ୍ୟରେ ଗୁରୁର ଲକ୍ଷଣ ସଂପର୍କରେ ନିମ୍ନଲିଖିତ ବିଚାର ଲେଖି ଅଛନ୍ତି ।

ଗୁରୁ ଲକ୍ଷଣ, (ପାଦ୍ମେ) – "ମହାଭାଗବତ ଶ୍ରେଷ୍ଠୋ ବ୍ରାହ୍ମଣୋ ବୈ ଗୁରୁ ର୍ନୃଣାମ୍ । ସର୍ବେଷାମେବ ଲୋକାନାମସୌ ପୂଜ୍ୟୋ ଯଥା ହରିଃ । । ମହାକୁଳ ପ୍ରସୂତୋଽପି ସର୍ବଯଜ୍ଞେଷୁ ଦୀକ୍ଷିତଃ । ସହସ୍ର ଶାଖାଧାୟୀ ଚ ନ ଗୁରୁଃ ସ୍ୟାଦବୈଷ୍ଣବଃ ।" (ହଭବି ୧-୩୯,୪୦) ଶ୍ଳୋକୋକ୍ତ ଲକ୍ଷଣ ଅନୁସାରେ ବ୍ରାହ୍ମଣ ଆଦି 'ବର୍ଣ୍ଣ' ନିର୍ଦ୍ଦିଷ୍ଟ ହୁଏ । ଏହି ଶ୍ଳୋକରେ ଶ୍ରୀଧର ସ୍ୱାମୀ ପାଦଙ୍କର ଟିକା "ଶମାଦିଭିରେବ ବ୍ରାହ୍ମଣାଦି ବ୍ୟବହାରୋ ମୁଖ୍ୟଃ, ନ ଜାତି ମାତ୍ରାଦିତ୍ୟାହ–ଯସ୍ୟେତି । ଯଦ୍, ଯଦି ଅନ୍ୟତ୍ର ବର୍ଣ୍ଣାନ୍ତରେଽପି ଦୃଶ୍ୟେତ ତଦ୍ବର୍ଣ୍ଣାନ୍ତରଂ ତେନୈବ ଲକ୍ଷଣ ନିମିତ୍ତେ ନୈବ ବର୍ଣ୍ଣେନ ବିନିର୍ଦ୍ଦୋଶେତ୍, ନ ତୁ ଜାତି ନିମିତ୍ତ ନେତ୍ୟର୍ଥ ।" ମହାଭାରତରେ ଟୀକାରେ ନୀଳକଣ୍ଠ କହିଛନ୍ତି, " ଶୁଦ୍ରୋଽପିଶମାଦ୍ୟୁପେତୋ ବ୍ରାହ୍ମଣ ଏବଂ ବ୍ରାହ୍ମଣୋଽପି କାମାଦ୍ୟୁପେତଃ ଶୁଦ୍ର ଏବ ।" ବ୍ରାହ୍ମଣ କହି ନିଜକୁ ପରିଚୟ ଦେଲେ ବା ଅନଭିଜ୍ଞଗଣଙ୍କ ଦ୍ୱାରା ତାଦୃଶ ପରିଚୟ ଲାଭ କଲେ ଯେ କୌଣସି ବ୍ୟକ୍ତି ଗୁରପଦରେ ଯୋଗ୍ୟ 'ବ୍ରାହ୍ମଣ' ବୋଲି ବିବେଚିତ ହେବେ ସେଭଳି କିଛି ନାହିଁ । ଶ୍ରୀଲ ନରୋତ୍ତମ ଦାସ ଠାକୁର, ଶ୍ୟାମାନନ୍ଦ ପ୍ରଭୃତି ସତ୍ ବ୍ରାହ୍ମଣଗଣ ନିଜର ପ୍ରକୃତ ପ୍ରସ୍ତାବରେ ଶୁଦ୍ଧ ବ୍ରାହ୍ମଣ ଥିଲେ ବୋଲି ଶ୍ରୀ ଗଙ୍ଗା ନାରାୟଣ, ରାମକୃଷ୍ଣ ଆଦି ଶୌକ୍ର ବ୍ରାହ୍ମଣଗଣ ସେଇମାନଙ୍କୁ ଗୁରୁ ପଦରେ ଯୋଗ୍ୟ ବିଶୁଦ୍ଧ ବ୍ରାହ୍ମଣ ବୋଲି ମନୋନୀତ କରିଥିଲେ । 'ମହାଭାଗବତ' କହିଲେ ତାପପୁଣ୍ଡ୍ର ବିଷ୍ଣୁଦାସ ପର ନାମମନ୍ତ୍ର ଓ ଉପାସନା ବିଶିଷ୍ଟ ପଞ୍ଚ ସଂସ୍କାର ସଂପନ୍ନ, ଅର୍ଚ୍ଚନ, ମନ୍ତ୍ରପଠନ, ଯୋଗ, ବନ୍ଦନ, ନାମ ସଂକୀର୍ତ୍ତନ, ସେବା ଚିହ୍ନ ଦ୍ୱାରା ଗାତ୍ରାଙ୍କନ, ବୈଷ୍ଣବାରାଧନ ସଂପନ୍ନ–ଏଇ ନବଜ୍ୟା -କର୍ମ କାରକ ଏବଂ ଉପାସ୍ୟ ଭଗବାନ, ତତ୍ ପରମପଦ, ତଦ୍‌ଦ୍ରବ୍ୟ, ତନ୍ମନ୍ତ୍ର ଓ ଜୀବାତ୍ମା, ଏଇ ଅର୍ଥ ପଞ୍ଚକଙ୍କ ଅର୍ଥାତ୍ ପଞ୍ଚତତ୍ତ୍ୱାର୍ଥବିତ୍ତ ବ୍ରାହ୍ମଣକୁ ଜାଣିବାକୁ ହେବ । "ତାପାଦି ପଞ୍ଚ ସଂସ୍କାରୀ ନବେଜ୍ୟା କର୍ମକାରକଃ । ଅର୍ଥ ପଞ୍ଚକାବିଦ୍ ବିପ୍ରୋ ମହାଭାଗବତଃ ସ୍ମୃତଃ ॥" ଏହିପରି ମହା-ଭାଗବତଗଣଙ୍କ ମଧ୍ୟରେ ଶ୍ରେଷ୍ଠତା ଲାଭ କରି ଯେ ମାନବଗଣଙ୍କ ମଧ୍ୟରେ ହରିତୁଲ୍ୟ ପୂଜନୀୟ ହୁଅନ୍ତି, ସେ ହିଁ 'ଗୁରୁ' ପଦ ଲାଭରେ ଯୋଗ୍ୟ ଅଟନ୍ତି । ପୁଣି ମହାକୁଳ ଜନ୍ମା ସର୍ବଯଜ୍ଞେ ଦୀକ୍ଷିତ ବ୍ୟକ୍ତି ଏବଂ ବେଦର ସହସ୍ର ଶାଖାଧ୍ୟୟନେ ପାରଙ୍ଗମ ବ୍ୟକ୍ତି ହେଲେ ମଧ୍ୟ ଅବୈଷ୍ଣବ ହେଲେ କେତେବେଳେ 'ଗୁରୁ' ହୋଇପାରିବେ ନାହିଁ । ଯେଉଁଠାରେ ବୈଷ୍ଣବତା ଠାରୁ ବ୍ରାହ୍ମଣତା 'ଭିନ୍ନ' ଅର୍ଥାତ୍ ଯେଉଁଠାରେ ବ୍ରାହ୍ମଣ ବୈଷ୍ଣବଙ୍କର ଆନୁଗତ୍ୟ ବିହିନ ତାଦୃଶ ବ୍ରାହ୍ମଣଙ୍କର ଗୁରୁ ହେବାର ଯୋଗ୍ୟତା ନାହିଁ; ପୁଣି ଯେଉଁଠାରେ ବୈଷ୍ଣବତା ଅଛି, ସେହିଠାରେ ଲୌକିକ ଦୃଷ୍ଟିରେ ଶୌକ୍ରବର୍ଣ୍ଣାନ୍ତର ଦୃଷ୍ଟ ହେଲେ ହେଁ ଯଥାର୍ଥ ଶୁଦ୍ଧ ବ୍ରାହ୍ମଣତାର ଅଭାବ ନାହିଁ । ଆଚାର୍ଯ୍ୟକୃତ୍ୟ ଅଧ୍ୟାପନା ପ୍ରଭୃତି ଆଚରଣ ଅନ୍ୟ ବର୍ଣ୍ଣରେ ସମ୍ଭାବନା ନଥିଲେ ହେଁ ଗୁରୁ ପଦବୀ ଯୋଗ୍ୟତା ବ୍ରାହ୍ମଣତା–ସ୍ୱତଃସିଦ୍ଧ ।

ବୈଷ୍ଣବ ମାତ୍ରେ ହିଁ ଜଗତର ଗୁରୁ । ସୁତରାଂ ସେମାନଙ୍କର ବ୍ରାହ୍ମଣାଚାର ଓ ବ୍ରାହ୍ମଣତ୍ୱ ସର୍ବଦା ସାଥିରେ ଥିବା ଉଚିତ । ବାହାରେ ନିଜର ଦୈନ୍ୟ ଜ୍ଞାପନ କରିବାକୁ ଯାଇ, ଅନେକ ଲୌକିକ ଦୃଷ୍ଟିଯୋଗ୍ୟ ବ୍ରାହ୍ମଣାଚାର ଗ୍ରହଣ କରିବେ ନାହିଁ, ତାହାହେଲେ ବୈଷ୍ଣବଙ୍କର ବ୍ରାହ୍ମଣତା କୌଣସି ଦିନ ଅଭାବ ହେବନାହିଁ ।